# ODM PUBLIC SCHOOL

**CLASS :3**
**SUBJECT : ODIA**
**CHAPTER NUMBER: 07**
**CHAPTER NAME : ଆସ ବୁଲିଯିବା ଭଟ୍ଟାରିକା**
**SUBTOPIC : ପାଠର ପୁନରାବୃତ୍ତି,ଅଭ୍ୟାସ-୧୨ ଓ ସୃଜନାତ୍ମକ ଲିଖନ**

# ଆସ ବୁଲିଯିବା ଭଟ୍‌ଟାରିକା

ODM EDUCATIONAL GROUP



ODM
EDUCATIONAL GROUP
Changing your Tomorrow





ODM
EDUCATIONAL GROUP
Changing your Tomorrow

ପାଠ - ୭

# ଆସ ବୁଲିଯିବା ଭଟ୍ଟାରିକା

ଦୁଷ୍ମନ୍ତ ବାବୁଙ୍କ ଘର ଆଠଗଡ଼ । ପାଖରେ ଭଟ୍ଟାରିକା ଠାକୁରାଣୀ ପୂଜା ପାଆନ୍ତି । ସେଥିପାଇଁ ଭଟ୍ଟାରିକା ବୁଲିଯିବା ପାଇଁ ସେ ଯୋଜନା କ… ଷ୍ମନ୍ତ

ODM EDUCATIONAL GROUP
Changing your Tommorrow





ବାବୁ ନାତିନାତୁଣୀଙ୍କ ସହ ବାହାରିଲେ । ଜିନିଷପତ୍ର ସଜାଡ଼ିଲେ । ଜେଜେଙ୍କର ଗ୍ରନ୍ଥ ନେବାକୁ ସେମାନେ ଭୁଲିଲେ ନାହିଁ ।

କାନ୍ଥଘଣ୍ଟାରେ ଚାରିଟା ବାଜିଲା । ଠିକ୍ ସମୟରେ ଗାଡ଼ି ଆସି ଅଟ୍ଟାଳିକା ଆଗରେ ରହିଲା । ସଭିଏଁ ଗାଡ଼ିରେ ବସିଲେ । ସାନପିଲାମାନେ ଜେଜେଙ୍କ ପାଖରେ ବସିବାକୁ ଜିଦ୍ କଲେ । ପାଟିତୁଣ୍ଡ ନ କରି ଶାନ୍ତିରେ ବସିବାକୁ ଜେଜେ କହିଲେ । ଗାଡ଼ି ମନ୍ଥର ଗତିରେ ଗାଁ ଦାଣ୍ଡରେ ଚାଲିଲା ।

ଜେଜେ ପିଲାଙ୍କୁ ପଚାରିଲେ, ''ଆରେ, ତୁମେ ସବୁ ଖାଇବ କ'ଣ'' ? ନାତୁଣୀ କହିଲା, ''ଜେଜେ ବାହାର ଜିନିଷ ଖାଇବା ନାହିଁ । ଫଳ ଆଣିଛୁ ।'' ଜେଜେ କହିଲେ, "ହଁ ହଁ ଫଳ ଖାଅ । ଦେହ ଭଲ ରହିବ । ବାହାର ଜିନିଷ ଖାଇଲେ ଦେହ ଖରାପ ହେବ ।" ଜେଜେ ପୁଣି କହିଲେ, "ଯଦି ଦରକାର

ଝୁଏ ବାହାରୁ ତଟକା ତଟକା ଖାଦ୍ୟ ଖାଇବ । କିନ୍ତୁ ବେଶୀ ଖାଇବ ନାହିଁ । ଖାଇଲେ ଝାଡ଼ା, ବାନ୍ତି, ପେଟ ଗୋଳମାଳ ହୋଇପାରେ।”

ପିଲାଏ ପଚାରିଲେ, ତେବେ ନ ଖାଇଲେ କ'ଣ ହେବ ?

ଜେଜେ ଚଟାପଟ୍ କହିଲେ, ଭୋକ ହେବ, ହାଲିଆ ଲାଗିବ, ବୁଲିବାକୁ ମନ ହେବନାହିଁ । କାମ କରିବାକୁ ଭଲ ଲାଗିବନାହିଁ । ଦୁର୍ବଳ ଲାଗିବ । ତାପରେ ପିଲାମାନେ ଜେଜେଙ୍କୁ ଗପ କହିବାପାଇଁ ଅନୁରୋଧ କଲେ । ଜେଜେ କହିଲେ, ଘରେ କହିବି । ଏବେ ପଦ୍ୟାନ୍ତ କର । ପିଲାମାନେ ପଦ୍ୟାନ୍ତ କଲେ । ନିଜନିଜ ଭିତରେ ଅଙ୍କାତାମସା କଲେ । ପଦ୍ୟାନ୍ତ ଓ ଅଙ୍କାତାମସା ଭିତରେ ଗାଡ଼ି ଭଙ୍ଗାରିକାରେ ପହଂଚିଗଲା ।

# ଅଭ୍ୟାସ -୧୨ ଦୁଇ ଧାଡି ପଢି ଖାଲିସ୍ଥାନ ପୂରଣ କର ।

ଯେପରି : ଗରମ ଗରମ ଭାତ
ଗରମ ଗରମ ବରା

ଗରମ ଗରମ ଖିରି
ଗରମ ଗରମ ପୁରି _

ଗରମ ଗରମ ପିଆଜି
ଗରମ ଗରମ ପକୁଡି _

ଗରମ ଗରମ ରୁଟି
ଗରମ ଗରମ ଡାଲି _

ODM EDUCATIONAL GROUP
Changing your Tommorrow

# ସୃଜନାତ୍ମକ ଲିଖନ



କୁକୁର



# ସୃଜନାତ୍ମକ ଲିଖନ

## କୁକୁର



ଏହା ଏକ କୁକୁରର ଛବି
ଏହା ଏକ ଗୃହ ପାଳିତ ପଶୁ ଅଟେ ।
ଏହାର ଚାରୋଟି ଗୋଡ,ଦୁଇଟି କାନ,ଦୁଇଟି ଆଖି ,ଗୋଟିଏ ପାଟି,
ଗୋଟିଏ ନାକ ଓ ଗୋଟିଏ ଲାଞ୍ଜ ଅଛି ।
ଏମାନେ ବିଭିନ୍ନ ରଙ୍ଗ ଓ ବିଭିନ୍ନ ପ୍ରଜାତିର ଦେଖାଯାନ୍ତି ।
ଏହା ଦିନ ରାତି ଆମ ଘର ଜଗେ ଓ ଅଜଣା ଲୋକଙ୍କୁ ଦେଖିଲେ ଭୁକେ।
ଏହାର ଶ୍ରବଣ ଓ ଆଘ୍ରାଣ ଶକ୍ତି ପ୍ରଖର ଅଟେ ।
ଏହା ଆମକୁ ପ୍ରକୃତ ବନ୍ଧୁ ଭଳି ସାହାଯ୍ୟ କରେ ।
ଏହା ଏକ ଚତୁର ବି□□□ସ୍ତ ପ୍ରାଣୀ ଅଟେ ।

ODM EDUCATIONAL GROUP

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।

୧ –ଦୁଷ୍ମନ୍ତ ବାବୁଙ୍କ ଘର କେଉଁ ଠାରେ ଅବସ୍ଥିତ ?

୨ –ଦୁଷ୍ମନ୍ତ ବାବୁ କୁଆଡେ ବୁଲିଯିବା ପାଇଁ ଯୋଜନା କଲେ ?

୩ – ଦୁଷ୍ମନ୍ତ ବାବୁ କେଉଁ ମାନଙ୍କୁ ନେଇ ବୁଲି ବାହାରିଲେ ?

୪ –ଭଟ୍ଟାରିକା ରେ କିଏ ପୂଜା ପାଆନ୍ତି ?

୫ –ଜେଜେଙ୍କର କଣ ନେବାକୁ ସେମାନେ ଭୁଲିଲେ ନାହିଁ ?

୬ – ଗାଡି ଆସି କେଉଁ ଠାରେ ରହିଲା ?

୭ –ଗାଡିଟି ମନ୍ଥର ଗତିରେ କେଉଁଠାରେ ଚାଲିଲା ?

୮ –ଖାଦ୍ୟ ନ ଖାଇଲେ କଣ ହେବ ବୋଲି ଜେଜେ କହିଲେ ?

୯-ପିଲାମାନେ ଜେଜେଙ୍କୁ କଣ କହିବା ପାଇଁ ଅନୁରୋଧ କଲେ ?

୧୦ –ପଦ୍ମାନ୍ତ ଓ ଅଟ୍ଟାଡାମସା ଭିତରେ ଗାଡିଟି କେଉଁଠାରେ ପହଂଚିଗଲା ?

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

ଶ୍ରେଣୀ ଫର୍ଦ୍ଦଟିକୁ ମନେରଖ ।



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ସୃଜନାତ୍ମକ ଚିନ୍ତାଧାରା, ଶ୍ରବଣ, କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP
Changing your Tommorrow

THANKING YOU

ODM EDUCATIONAL GROUP